## ୨ ସାହି ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟଣା: ୩୯ ଜଣଙ୍କ ନାଁରେ ମାମଲା

ବ୍ରହ୍ମପୁର,୧୬।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଟାଉନ ଥାନା ଗେଟବଜାର ନିକଟ ୨ ହରିଜନ ସାହି ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟଣାରେ ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି ପୋଲିସ ୩୯ ଜଣଙ୍କ ନାଁରେ ମାମଲା ରୁଜୁ କରିଛି । ଗୋଷ୍ଠୀ ସଂଘର୍ଷ ମାମଲାରେ ସଂପୃକ୍ତ ଥିବା ଏକାଧିକ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। ଗେଟବଜାର ଜାଗିଲି ସାହି ନିକଟ ହୁମାଗୁଡ଼ିଆ ସାହି(ସାନ ହରିଜନ ସାହି) ଓ ଜୟମଙ୍ଗଳା ନଗର(ବଡ ହରିଜନ ସାହି) ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଫୁଟବଲ ଖେଳରୁ ଶତ୍ରୁତାକୁ ନେଇ ଗୋଟିଏ ସାହିର ଲୋକ ଅନ୍ୟ ସାହିର ଲୋକଙ୍କ ଉପରେ ପଥର ଓ ବୋତଲ ମାଡ କରିଥିଲେ । ଏଥିରେ ଉଭୟ ପକ୍ଷର ୧୦ ଆହତ ହୋଇଥିଲେ। ଫଳରେ ଗତ ୨ ଦିନ ଧରି ଏହି ୨ ସାହିରେ ଉତ୍ତେଜନାମୂଳକ ପରିସ୍ଥିତି ଲାଗି ରହିଥିଲା। ଏପରିକି ଗଣ୍ଡଗୋଳ ପ୍ରତିହତ କରିବାକୁ ଯାଇଥିବା ପୋଲିସ ଉପରେ ମଧ୍ୟ ପଥର ମାଡ ହୋଇଥିଲା । ଏହାପରେ ଏକାଧିକ ଥାନା ଅଧିକାରୀ ଓ ୧ ପ୍ଲାଟୁନ ପୋଲିସ ପହଞ୍ଚି ୨ ସାହିରେ ଫ୍ଲାଗମାର୍ଚ୍ଚ କରିବା ସହ ଗୋଷ୍ଠୀ ସଂଘର୍ଷରେ ସଂପୃକ୍ତ ଏକାଧିକ ବ୍ୟକ୍ତିଙ୍କୁ କାବୁ କରିଥିଲେ। ପରେ ଉଭୟ ସାହିରେ ପରିସ୍ଥିତି ଶାନ୍ତ ପଡିଥିଲା। ତେବେ ଆକ୍ରମଣ ଓ ପ୍ରତିଆକ୍ରମଣ ଘଟଣାକୁ ନେଇ ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ପୃଥକ ଅଭିଯୋଗ ହୋଇଥିଲା। ଜୟମଙ୍ଗଳନଗର ରାହୁଲ ନାୟକଙ୍କ ଅଭିଯୋଗ ପ୍ରକାରେ ହୁମାଗୁଡ଼ିଆ ସାହିର ୧୫ ଜଣଙ୍କ ନାଁରେ ମାମଲା(ନଂ– ୩୩୬/୨୪) ରୁଜୁ ହୋଇଛି । ସେହିପରି ହୁମାଗୁଡିଆ ସାହିର ସୁଶୀଲ କୁମାର ନିମାଇଙ୍କ ଅଭିଯୋଗ ପ୍ରକାରେ ପୋଲିସ ଜୟମଙ୍ଗଳାନଗରର ୨୪ ଜଣଙ୍କ ନାଁରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ରାଜ୍ୟସ୍ତରୀୟ ସବ୍ ଜୁନିୟର କରାଟେରେ ଗଞ୍ଜାମରୁ ୫ ଖେଳାଳି ଯୋଗଦେଲେ

ବ୍ରହ୍ମପୁର,୧୬।୧୧(ସ୍ୱାଧୀନ ଶେଖର ପାଢ଼ୀ)

ରାଜ୍ୟସ୍ତରୀୟ ସବ୍ ଜୁନିୟର କରାଟେ ପ୍ରତିଯୋଗିତାରେ ଗଞ୍ଜାମ ଜିଲାରୁ ୫ ଜଣ ଯୋଗ ଦେଇଛନ୍ତି । ଶନିବାରଠାରୁ ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲଠାରେ ଏହି ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହି ୫ଜଣଙ୍କ ଭିତରେ ଅଛନ୍ତି ଜିଲାର ଆଦ୍ୱିକ ଅଶ୍ରେଷ ସାହୁ , ଶ୍ରୀଦୀଶ ମହାପାତ୍ର, ଆୟୁଷ ଚର୍ଚ୍ଚା, ଆଦିତ୍ୟ ବିଶୋୟୀ, ସାହିଲ ସତନାୟକ ପୃଷ୍ଟି। ପ୍ରତିଯୋଗୀମାନେ ଉଭୟ କାଟା ଏବଂ ଫାଇଟ ଦୁଇଟି ଇଭେଣ୍ଟରେ ଭାଗ ନେଇଛନ୍ତି । ଏହି ଟିମ ସହ ଆଶୁତୋଷ ପଟ୍ଟନାୟକ ଟିମ ମ୍ୟାନେଜର ଟିମ ସହିତ ଯାତ୍ରା କରିଥିବା ଜଣାପଡିଛି।

## ଓଡିଶା ଟେନିସ ବଲ କ୍ରିକେଟ ଦଳରେ ଗଞ୍ଜାମର ୨ କ୍ରିକେଟର

ବ୍ରହ୍ମପୁର,୧୬।୧୧(ସ୍ୱାଧୀନ ଶେଖର ପାଢ଼ୀ)

ଜିଲାର ସମୀର ସାହୁ ଓ ଦେବାଶିଷ ସାହୁ ଜାତୀୟ ଟେନିସ ବଲ କ୍ରିକେଟରେ ଚାମ୍ପିୟାନସିପ ପାଇଁ ୧୬ ଜଣିଆ ଓଡ଼ିଶା ଦଳରେ ସ୍ଥାନପାଇଛନ୍ତି। ଆସନ୍ତା ୧୮ରୁ ୨୧ ତାରିଖ ଏହି ଚାମ୍ପିୟାନସିପ ଜାମ୍ମୁ ଓ କାଶ୍ମୀର ଠାରେ ହେବ। ଏନେଇ ରାଜ୍ୟ ଟେନିସ ବଲ କ୍ରିକେଟ ଆସୋସିଏସନ ପକ୍ଷରୁ ଦଳ ଘୋଷିତ ହୋଇଛି। ଏଥିରେ ଗଞ୍ଜାମ ସହ ଭଦ୍ରକ, ବଲାଙ୍ଗୀର, ମୟୂରଭଞ୍ଜ, କନ୍ଧମାଳ, ଭୁବନେଶ୍ୱର, ଖୋର୍ଦ୍ଧା, ଯାଜପୁର, କଟକ ଜିଲାର ଖେଳାଳିଙ୍କ ସହ କୋଚ ଓ ମ୍ୟାନେଜର ରହିଛନ୍ତି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବକ୍ତୃତା କାର୍ଯ୍ୟକ୍ରମ

ବ୍ରହ୍ମପୁର,୧୬।୧୧(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ କୁଳପତି ଗୀତାଞ୍ଜଳି ଦାଶଙ୍କ ତତ୍ତ୍ୱାବଧାନରେ ଭାରତୀୟ ଶିକ୍ଷା ବ୍ୟବସ୍ଥା ସମ୍ପର୍କିତ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ସଂପାଦକ ଡ଼.ସତ୍ୟନାରାୟଣ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ନିର୍ଦ୍ଦେଶକ ଡ. ସଦାନନ୍ଦ ନାୟକ ଭାରତୀୟ ଶିକ୍ଷା ବ୍ୟବସ୍ଥା ଉପରେ କହିଥିଲେ। ଭାରତୀୟ ଶିକ୍ଷା ବ୍ୟବସ୍ଥାର ଗୁରୁତ୍ୱ ତଥା ଶିକ୍ଷା ନୀତିରେ ଏହାର ବ୍ୟବହାର ବିଷୟରେ କୁଳପତି ସମସ୍ତଙ୍କୁ ଅବଗତ କରାଇଥିଲେ। ସ୍ନାତକୋତ୍ତର ବିଭାଗ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଭାରତୀୟ ଶିକ୍ଷାର ଐତିହ୍ୟ ଉପରେ କହିଥିଲେ। କେନ୍ଦ୍ର ଦୁରଭାସ ଓ ଯୋଗାଯୋଗ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଏମ.ମୁରଲୀ କୃଷ୍ଣ, କାର୍ଯ୍ୟକାରୀ ନିର୍ଦ୍ଦେଶକ ସୁବ୍ରତ କୁମାର ପୃଷ୍ଟି ଭାରତୀୟ ଶିକ୍ଷାର ଇତିହାସ ଅବତାରଣ କରିଥିଲେ। ବାସୁଦେବ ମିଶ୍ର ଉପସ୍ଥିତ ଥିଲେ। ଡ଼. ସତ୍ୟନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ।

# ୨ ବର୍ଷରେ ସମୁଦ୍ରରେ ଯାଇଛି ୬ ଜୀବନ

### ଗୋପାଳପୁର ବେଳାଭୂମିରେ ପର୍ଯ୍ୟଟକ ଅସୁରକ୍ଷିତ

ବ୍ରହ୍ମପୁର, ୧୬।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲାରେ ପ୍ରାୟ ୬୦ କିମି ସମୁଦ୍ର ବେଳାଭୂମି ରହିଛି। ତେବେ ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରୁଛି ଗୋପାଳପୁର ବେଳାଭୂମି। ଏଠାକୁ ରାଜ୍ୟ ତଥା ଜାତୀୟ ଓ ଅନ୍ତର୍ଜାତୀୟ ପର୍ଯ୍ୟଟକମାନେ ବୁଲିବାକୁ ଆସୁଥିବାବେଳେ ସେମାନଙ୍କ ସୁରକ୍ଷା ପ୍ରତି କାହାର ଚିନ୍ତା ନାହିଁ। ଗତ ୨ ବର୍ଷରେ ୬ଜଣଙ୍କ ମୃତ୍ୟୁ ପୋଲିସ ରେକର୍ଡରୁ ଜଣାପଡିବା ପରେ ଏହା ସ୍ପଷ୍ଟ ହୋଇଛି। ୨୦ରୁ ଅଧିକ ପର୍ଯ୍ୟଟକଙ୍କୁ ଲାଇଫ ଗାର୍ଡମାନେ ମୃତ୍ୟୁମୁଖରୁ ଉଦ୍ଧାର କରିଛନ୍ତି। ଗୋପାଳପୁର ପାନ୍ଥନିବାସ ଠାରୁ ହରିପୁର ମୁହାଣ ପର୍ଯ୍ୟନ୍ତ ପ୍ରାୟ ଦୁଇ କିମି ବେଳାଭୂମିରେ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ ରହୁଛି। ସକାଳର ସୂର୍ଯ୍ୟୋଦୟ ସହ ସମୁଦ୍ର ସ୍ନାନ ସହ ବେଳାଭୂମିରେ ବୁଲିବା ମଜା ନିଆରା। ସପ୍ତାହର ରବିବାର ସମେତ ଅନ୍ୟ ଛୁଟି ଦିନରେ ବେଳାଭୂମିରେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ ହେଉଛି। ସମୁଦ୍ର ପ୍ରାୟ ପର୍ଯ୍ୟଟକ



ଲାଇଫ ଗାର୍ଡଙ୍କ ସାମଗ୍ରୀ।

ସେମାନଙ୍କ ପିଲାଛୁଆଙ୍କୁ ନେଇ ସମୁଦ୍ରରେ ଗାଧୋଇବାର ମଜା ଉଠାଇଥାନ୍ତି। ଉକ୍ତ ସମୁଦ୍ର ଉପକୂଳ ଗଭୀର ହୋଇଥିବାରୁ ବିପଦ ରହୁଛି। ପୂର୍ବରୁ ବହୁ ପର୍ଯ୍ୟଟକ ସମୁଦ୍ରରେ ବୁଡି ଯାଇଥିବା ନଜିରି ରହିଛି। ତେବେ ପର୍ଯ୍ୟଯକମାନେ ସମୁଦ୍ରରେ ଗାଧୋଇବା ସମୟରେ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ଲାଇଫଗାର୍ଡ ବ୍ୟବସ୍ଥା କରାଯିବା କଥା। କିନ୍ତୁ ଏହାକୁ ହାଲୁକା ଭାବେ ଗ୍ରହଣ କରାଯାଇଛି। ଗୋପାଳପୁର ଥାନାର ୪ ହୋମଗାର୍ଡଙ୍କୁ ଲାଇଫଗାର୍ଡ ତାଲିମ ଦିଆଯାଇ ବେଳାଭୂମିରେ ନିୟୋଜିତ କରାଯାଇଛି। ସେମାନଙ୍କ ମଧ୍ୟରୁ ସକାଳ ୬ରୁ ୨ଟା ପର୍ଯ୍ୟନ୍ତ ଜଣେ, ୨ଟା ଠାରୁ ରାତ୍ର ୧୦ ଟା ପର୍ଯ୍ୟନ୍ତ ୨ ଜଣ ଓ ରାତ୍ର ୧୦ଟା ଠାରୁ ସକାଳ ୬ ପର୍ଯ୍ୟନ୍ତ ଜଣେ ଦାୟିତ୍ୱରେ ରହିଥାନ୍ତି। ସେହି ସମୟ ମଧ୍ୟରେ ଲାଇଫ ଗାର୍ଡ ସମ୍ପୂର୍ଣ୍ଣ ବେଳାଭୂମି ଉପରେ ନଜର ରଖିବାକୁ ପଡେ, ଯାହା ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଅସମ୍ଭବ। ବେଳାଭୂମିରେ ଯଦି କୌଣସି ଅଘଟଣ ଘଟେ ତେବେ ତାଙ୍କୁ ସହାୟତା ଯୋଗାଇ ଦେବାପାଇଁ ଅନ୍ୟ କେଣସି ତାଲିମପ୍ରାପ୍ତ କର୍ମଚାରୀ ନାହାନ୍ତି। ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ସହଯୋଗ ହିଁ ଏକମାତ୍ର ଭରସା। ଗତ ଦୁଇ ବର୍ଷ ମଧ୍ୟରେ ସମୁଦ୍ରରେ ବୁଡ଼ି ୪ଜଣଙ୍କ ଜୀବନ ଯାଇଥିବା ବେଳେ ୨୦ରୁ ଅଧିକ ଜଣଙ୍କୁ ଲାଇଫ ଗାର୍ଡଙ୍କ ଦ୍ୱାରା ଉଦ୍ଧାର କରାଯାଇଛି। ଏପରି ସ୍ଥିତିରେ ଲାଇଫଗାର୍ଡଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ଏତେବଡ଼ ବେଳାଭୂମି ପାଇଁ ଅଧିକ ସଂଖ୍ୟକ ଲାଇଫଗାର୍ଡ ନିୟୋଜିତ ହେବା ଆବଶ୍ୟକତା ରହିଛି। ଏ ସମ୍ପର୍କରେ ଏସପି ସର୍ବଣା ବିବେକ ଏମ କୁହନ୍ତି, ବେଳାଭୂମିରେ ଲାଇଫଗାର୍ଡ ନିଯୁକ୍ତିର ଆବଶ୍ୟକତା ରହିଛି। ସରକାର ହୋମାଗାର୍ଡ ଯଦି ନିଯୁକ୍ତ କରନ୍ତି ତେବେ ସେମାନଙ୍କୁ ତାଲିମ ପାଇଁ ପଠାଯିବ ବୋଲି ସେ କହିଛନ୍ତି ।

# ପରିବର୍ତ୍ତନଶୀଳ ଗଣମାଧ୍ୟମରେ ମିଥ୍ୟା ଖବରର ସ୍ଥାନ ନାହିଁ

### ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ

ବ୍ରହ୍ମପୁର,୧୬।୧୧(ସ୍ମୃତି ରଞ୍ଜନ ମହାଲିକ)

ଗଞ୍ଜାମ ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ଶନିବାର ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସୂଚନା ଓ ଲୋକ ସଂପର୍କ ବିଭାଗ ଓ ବ୍ରହ୍ମପୁର ପ୍ରେସ କ୍ଲବ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଥିଲେ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ। ସେ କହିଲେ, ସମୟ ସହିତ ତାଳ ଦେଇ ଗଣମାଧ୍ୟମର ପ୍ରକୃତି ପରିବର୍ତ୍ତିତ ହୋଇଛି। ସ୍ୱାଧୀନତା ପୂର୍ବରୁ ଗଣମାଧ୍ୟମର କିଭଳି କଣ୍ଠରୋଧ କରିବାକୁ ପ୍ରୟାସ ହୋଇଥିଲା ତହାର ବାଖ୍ୟା କରିବା ସହ ସାମାଜିକ ଗଣମାଧ୍ୟମରେ ମିଥ୍ୟା ଖବର ପ୍ରସାରିତ ପରେ ତାହାର ପ୍ରଭାବ ସମାଜ ଉପରେ କେମିତି ପଡୁଛି ତଥ୍ୟ ସହ ଉପସ୍ଥାପନ କରିଥିଲେ। ପରିବର୍ତ୍ତନଶୀଳ ଗଣମାଧ୍ୟମରେ ମିଥ୍ୟା ଖବରର ସ୍ଥାନ ନାହିଁ। ପ୍ରତିକୂଳ ବ୍ୟବସ୍ଥା ସତ୍ତ୍ୱେ ଗଣମାଧ୍ୟମ ସତ୍ୟ ନିରପେକ୍ଷ ସୂଚନା ପହଞ୍ଚାଇବାକୁ ଏସପି କହିଥିଲେ। ସମ୍ମାନନୀୟ ଅତିଥି ରୂପେ ବ୍ରହ୍ମପୁର ଉପଜିଲାପାଳ ଦୀନା ଦସ୍ତଗୀର ଯୋଗ



ଖବରଦାତା ନରସିଂହ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଦେଇ ସମୟ ବଦଳିବା ସହ ଗଣମାଧ୍ୟମର ମଧ୍ୟ ପରିବର୍ତ୍ତନ ଘଟିବା ଓ ଜାତୀୟ ପ୍ରେସ ଦିବସ ପାଳନର ଗୁରୁତ୍ୱ ଉପରେ କହିଥିଲେ। ମୁଖ୍ୟବକ୍ତା ରୂପେ ବରିଷ୍ଠ ଶିକ୍ଷାବିତ ଅମର ପ୍ରସାଦ ବିଶୋୟୀ ଯୋଗ ଦେଇ ପ୍ରତ୍ୟେକ ଦେଶରେ ଗଣମାଧ୍ୟମ ହେଉଛି ପ୍ରଚ୍ଛଦ ପଟ୍ଟର ନାୟକ। ସାଧରଣ ଜନତା ଓ ସରକାରଙ୍କ ମଧ୍ୟରେ ମଧ୍ୟସ୍ଥତା କରୁଥିବା ପ୍ରକ୍ରିୟାକୁ ଗଣମାଧ୍ୟମ କୁହାଯାଏ। ଗଣମାଧ୍ୟମର ଯେତେ ପରିବର୍ତ୍ତନ ହେଲେ ମଧ୍ୟ ସମସ୍ତଙ୍କର ଲକ୍ଷ୍ୟ ଏକ ହେବା ଉଚିତ ବୋଲି ମୁଖ୍ୟବକ୍ତା କହିଥିଲେ। ସମାଜସେବୀ ସୁଶାନ୍ତ ସାବତ ଓ ବରିଷ୍ଠ ଆଇନଜୀବୀ ନିର୍ମଳ ସାହୁ ଲୋକଙ୍କ ସମସ୍ୟା ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ଗଣମାଧ୍ୟମ କାର୍ଯ୍ୟ କରୁଥିବା ଓ ସାମାଜିକ ସୁରକ୍ଷା ଦେବାରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗୀୟ ମୁଖ୍ୟ ବନ୍ଦିତା ପଣ୍ଡା ଯୋଗ ଦେଇ ଆଜିର ଯୁବ ପିଢି ସ୍ୱଳ୍ପ ସମୟରେ ସଂକ୍ଷିପ୍ତ ଆକାରରେ ଖବର ପାଇବାକୁ ଇଚ୍ଛୁକ। ଏଣୁ ଡିଜିଟାଲ ଖବର ଉପରେ ଗୁରୁତ୍ୱ ଦେବାକୁ ସେ କହିଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗର ଦକ୍ଷିଣାଚଂଳ ଭାରପ୍ରାପ୍ତ ଉପ ନିର୍ଦ୍ଦେଶକ ରବି ନାରାୟଣ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ପ୍ରେସ କ୍ଲବର ସଭାପତି ଅଶୋକ କୁମାର ବ୍ରହ୍ମା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ବରିଷ୍ଠ ଖବରଦାତା ନରସିଂହ ସାହୁ, ଏ ରାଜା ରାଓ, ସୁନୀଲ ମୋହନ ପଟ୍ଟନାୟକ ଓ ହୃଷୀକେଶ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଛତ୍ରପୁର ଓ ବ୍ରହ୍ମପୁର ପ୍ରେସ କ୍ଲବ ମଧ୍ୟରେ ପୂର୍ବରୁ ଆୟୋଜିତ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚର ବିଜେତା ଛତ୍ରପୁର ପ୍ରେସ କ୍ଲବକୁ ବିଜୟୀ ପୁରସ୍କାର ଓ ବ୍ରହ୍ମପୁର ପ୍ରେସ କ୍ଲବକୁ ରନର୍ସ ଭାବେ ପୁରସ୍କୃତ କରାଯାଇଥିଲା। ପ୍ରେସ କ୍ଲବ ସଂପାଦକ ପ୍ରହଲାଦ ସାହୁ ଧନ୍ୟବାଦ ଦେଇଥିଲେ। ଯୁଗ୍ମ ସଂପାଦକ ଡି ଗୋପାଳକୃଷ୍ଣ ରେଡି, କୋଷାଧକ୍ଷ ଶିବ ନାରାୟଣ ପଣ୍ଡା ଓ ଛତ୍ରପୁର ପ୍ରେସ କ୍ଲବର ସଭାପତି ରବୀନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଏମକେସିଜି ରୋଗୀଙ୍କ ମୋବାଇଲ ଲୁଟିବା ବେଳେ ଛଦ୍ମବେଶରେ ଧରିଲା ପୋଲିସ

ବ୍ରହ୍ମପୁର, ୧୬।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଏମକେସିଜି ମେଡିକାଲକୁ ଆସୁଥିବା ରୋଗୀ ଓ ରୋଗୀ ସମ୍ପର୍କୀୟଙ୍କ ଲଗାତାର ଭାବେ ମୋବାଇଲ ଚୋରି ହେଉଛି। ବୈଦ୍ୟନାଥପୁର ପୋଲିସ ଛଦ୍ମବେଶରେ ଅଭିଯୁକ୍ତ ଦିଗପହଣ୍ଡି ଥାନା ଗୋକର୍ଣ୍ଣପୁରର ଏଲ. ଶିବା ରେଡ୍ଡୀ (୨୬)ଙ୍କୁ ଗିରଫ କରିଛି। ଜେରା ବେଳେ ଅଭିଯୁକ୍ତ ଶିବା ଜଣେ ପେଷାଦାର ଲୁଟେରା ବୋଲି ଜଣାପଡିଛି। ଏମକେସିଜି ମେଡିକାଲକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଓ ରୋଗୀ ସମ୍ପର୍କୀୟଙ୍କୁ ସେ ଟାର୍ଗେଟ କରୁଥିଲେ। ଲୁଟ କରିବା ପାଇଁ ଏମକେସିଜି ନିରାପଦ ଭାବି ସେ ଜଣଙ୍କ ପରେ ଜଣେ ଲୋକଙ୍କ ମୋବାଇଲ କୌଶଳକ୍ରମେ ଲୁଟି ନେଇ ଚମ୍ପଟ ମାରୁଥିଲେ। ବହୁ ଦୂର ଦୁରାନ୍ତରୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ମାନେ ଏନେଇ କାହାକୁ ଅଭିଯୋଗ କରିବେ ଜାଣିପାରୁନଥିଲେ। ଫଳରେ ସେ ଗୋଟିଏ ପରେ ଗୋଟିଏ ମୋବାଇଲ ଲୁଟି ନେଉଥିଲେ। ଜିଲାର ବିଭିନ୍ନ ଥାନାରେ ଶିବା ବିରୋଧରେ ୧୧ ମାମଲା ରହିଛି। ସେ ଜଣେ ପେଷାଦାର ଲୁଟେରା ବୋଲି ଥାନାଧିକାରୀ ସୁଚିତ୍ରା ପରିଡା କହିଛନ୍ତି। ପୋଲିସ ଶିବାଙ୍କ ନିକଟରୁ ୩୪ ମୋବାଇଲ ଜବତ କରିଛି। ମାମଲା ନମ୍ବର ନଂ.୫୪୪ /୨୪ରେ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି ବୋଲି ସେ କହିଛନ୍ତି।

## ମହାମାୟୀ ମହିଳା କଲେଜକୁ ନାକ ମାନ୍ୟତା

ବ୍ରହ୍ମପୁର,୧୬।୧୧
(ସ୍ୱାଧୀନ ଶେଖର ପାଢ଼ୀ)

ମହାମାୟୀ ମହିଳା କଲେଜକୁ ନାକ ପକ୍ଷରୁ 'ସି' ଗ୍ରେଡ ପ୍ରଦାନ କରାଯାଇଛି। ଏନେଇ ଶନିବାର କଲେଜ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମାନ୍ୟତାକୁ ପ୍ରଦର୍ଶନ କରଯାଇଛି। ଅନ୍ୟପଟେ ଏହାକୁ ନେଇ କଲେଜ ଅଧକ୍ଷା ଡ. ନିବେଦିତା ମହାପାତ୍ର, ନାକ କୋଡିନେଟର ଡ. ବାଣୀ ପଟ୍ଟନାୟକ, ଆକାଂକ୍ଷା ଚାନ୍ଦ, ସନ୍ଧ୍ୟା ବେହେରା, ଆଇକ୍ୟୁସି କୋଡ଼ିନେଟର ଡ. ସୁଜାତା ପଣ୍ଡିତ, ଡ. ସ୍ୱର୍ଣ୍ଣଲତା ପଟ୍ଟନାୟକ, ମହାବିଦ୍ୟାଳୟର କର୍ମଚାରୀ ଓ ଛାତ୍ରୀଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଛି । ଗତ ୭ ତାରିଖ ମହାବିଦ୍ୟାଳୟକୁ ନାକର ୩ ଜଣିଆ ଟିମ ଡ. ଗୁରୁଚରଣ ସିଂ, ନିରଞ୍ଜନ ସହାୟ, ଡ. ଚନ୍ଦନା ଭଟ୍ଟାଚାର୍ଯ୍ୟ



କଲେଜର କର୍ମଚାରୀମାନେ ମାନ୍ୟତା ପତ୍ର ପ୍ରଦର୍ଶନ କରୁଛନ୍ତି।

ପରିଦର୍ଶନରେ ଆସିଥିଲେ। ଏହା ସହ ଆଡମିନିଷ୍ଟ୍ରେଟିଭର ଡ. ଜୟନ୍ତୀରାଣୀ ପଣ୍ଡା, ଡ. ସୁବ୍ରତ ପଣ୍ଡା, ଭି.ସି ନୋମିନି ଡ. ସୁଧାକର ପାତ୍ର, ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ପରିଚାଳନା କମିଟି ସଭାପତି ଡ. ଅରୁନ୍ଧତୀ ରଥ ପ୍ରମୁଖ ଉପସ୍ଥିତ ଥିଲେ। ତିନି ଜଣିଆ ଟିମ ମହାବିଦ୍ୟାଳୟର ବିଭିନ୍ନ ସୁବିଧା ସୁଯୋଗ, ପାଠପଢା ବ୍ୟବସ୍ଥା ସହ ପାଠ୍ୟକ୍ରମ ଓ ଶିକ୍ଷାଦାନ ଅନୁଧ୍ୟାନ କରିଥିଲେ। ଏହି ଟିମର ରିପୋର୍ଟ ଆଧାରରେ ମହାବିଦ୍ୟାଳୟକୁ ନାକ ସି ଗ୍ରେଡ ମିଳିଥିବା କଲେଜ ପକ୍ଷରୁ ସୂଚନା ଦିଆଯାଇଛି।

## ଗ୍ୟାସ ଲିକ୍‌ରୁ ଅଗ୍ନିକାଣ୍ଡ, ୩ ଗୁରୁତର

ଦିଗପହଣ୍ଡି,୧୬।୧୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ବି. ତୁରୁବୁଡି ପଞ୍ଚାୟତ ନରେନ୍ଦ୍ରପୁର ଗ୍ରାମରେ ଶନିବାର ସନ୍ଧ୍ୟାରେ ରୋଷେଇ ଗ୍ୟାସ ସିଲିଣ୍ଡର ଲିକ୍ ହୋଇ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗୋଟିଏ ପରିବାରର ୩ ଜଣ ପୋଡି ଗୁରୁତର ହୋଇଛନ୍ତି। ସେମାନେ ହେଲେ ଜି. ବୁଲୁ, ତାଙ୍କ ସ୍ତ୍ରୀ ଜି. ବବି ଏବଂ ୮ମ ଶ୍ରେଣୀରେ ପଢୁଥିବା ତାଙ୍କ ପୁଅ କାହ୍ନା। ଅଗ୍ନିକାଣ୍ଡ ଘଟିବା ପରେ ସାହି ପଡୋଶୀ ସମସ୍ତଙ୍କୁ ଉଦ୍ଧାର କରି ପ୍ରଥମେ ଦିଗପହଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବୁଲୁଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ବୁଲୁଙ୍କ ସ୍ତ୍ରୀ ରୋଷେଇ କରୁଥିବା ବେଳେ ଗ୍ୟାସ ସିଲିଣ୍ଡର ପାଇପ ଫାଟି ଗ୍ୟାସ ଲିକ ହୋଇଥିଲା। ତାହା ସେ ଜାଣି ନ ପାରି ଲାଇଟର ଜଳାଇବା ମାତ୍ରେ ହଠାତ ପୁରା ଘରକୁ ନିଆଁ ବ୍ୟାପି ଯାଇଥିଲା। ବୁଲୁ ସେହି ନିଆଁରେ ପୋଡି ଯାଇଥିବା ବେଳେ ପାଖରେ ଥିବା ତାଙ୍କ ସ୍ତ୍ରୀ ମଧ ପୋଡି ହୋଇ ଯାଇଥିଲେ। ଘରୁ ସେମାନଙ୍କ ଚିତ୍କାର ଶୁଣି ସେମାନଙ୍କୁ ଉଦ୍ଧାର କରିବା ସମୟରେ ବୁଲୁଙ୍କ ପୁଅ କାହ୍ନା ମଧ ନିଆଁରେ ପୋଡ଼ି ଆହତ ହୋଇଥିଲେ। ଗୁରୁତର ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ପ୍ରଶାସନ ବହନ କରିବାକୁ ସରପଞ୍ଚ ବି. ଲିଙ୍ଗରାଜ ଦୋରା ନିବେଦନ କରିଛନ୍ତି।

## ଆଇଟିଆଇ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

ବ୍ରହ୍ମପୁର,୧୬।୧୧ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସରକାରୀ ଆଇଟିଆଇ ହଷ୍ଟେଲରେ ରହି ପଢୁଥିବା ଜଣେ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ କନ୍ଧମାଳ ଜିଲା ଗାଜଲବାଡ଼ିର ରୁପାଲି ନାୟକ(୧୭)। ଏମକେସିଜି ମେଡିକାଲରୁ ପୋଲିସ ରୁପାଲିଙ୍କ ମୃତଦେହ ଜବତ କରିଛି। ତେବେ ତାଙ୍କ ମୃତ୍ୟୁର କାରଣ ଜଣାପଡିନାହିଁ। ମୃତ ଛାତ୍ରୀ ଜଣଙ୍କ ବ୍ରହ୍ମପୁର ଆଇଟିଆଇରେ କମ୍ପ୍ୟୁଟର ଶିକ୍ଷା ଗ୍ରହଣ କରୁଥିଲେ। ଆଜକୁ ୨ ମାସ ହେବ ସେ ନିଜ ଘରୁ ଆସି ଏଠାରେ ନାମ ଲେଖାଇବା ସହ ଆଇଟିଆଇର ଛାତ୍ରୀ ନିବାସରେ ନିଜ ସହପାଠୀଙ୍କ ସହ ରହୁଥିଲେ । ସେ ସାମାନ୍ୟ ଜ୍ୱରରେ ଆକ୍ରାନ୍ତ ହୋଇଥିବାରୁ ସେ ଆଇଟିଆଇର କ୍ଲାସକୁ ନଆସି ହଷ୍ଟେଲ କୋଠରୀରେ ଥିଲେ। ହେଲେ ଶନିବାର ମଧ୍ୟାହ୍ନରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡି ଯାଇଥିଲା। ପରେ ସହପାଠୀ ଓ ଆଇଟିଆଇ କର୍ତ୍ତୃପକ୍ଷ ତାଙ୍କୁ ଏମକେସିଜି ମେଡିକାଲକୁ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟାରେ ଡାକ୍ତରମାନେ ତାଙ୍କର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ହିଁ ଛାତ୍ରୀଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି କୁହାଯାଇଛି ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଗୋପାଳପୁର,୧୬।୧୧(ନବୀନ ରାଜ ଆଚାରୀ)–

ଗୋଲନ୍ଥରା ଥାନା ଅଞ୍ଚଳର ଜଣେ ଯୁବକ ଶନିବାର ଫାନରେ ବେକାରେ ଗାମୁଛା ବାନ୍ଧି ଝୁଲୁଥିବା ଅବସ୍ଥାରେ ମୃତଦେହ ପୋଲିସ ଜବତ କରିଛି। ମୃତ ଯୁବକ ଜଣଙ୍କ ଢେଙ୍କାନାଳ ଜିଲା ରସୋଲ ଥାନା ଅନ୍ତର୍ଗତ ଗଣ୍ଡନଳି ଗ୍ରାମର ସୌମ୍ୟ ରଞ୍ଜନ ଗାଣ୍ଡିଆ (୨୬ ) ବୋଲି ପୋଲିସ କହିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ସୌମ୍ୟ କିଛି ମାସ ହେଲା ଏହି ଥାନା ଅଧୀନ କନିଷି ହାଟସ୍ଥିତ ଗଣେଶ ନଗର ପ୍ରଥମ ଗଳିରେ ଏକ ଭଡା ଘରେ ରହି ଓସିବିସି ସହକାରୀ ଡିପୋର ଲିଙ୍କର ଦାୟିତ୍ୱରେ ରହି କାର୍ଯ୍ୟ କରୁଥିଲେ। ଶନିବାର ସେ ଡିପୋକୁ ଆସି ନ ଥିଲେ। ଡିପୋକୁ ନ ଆସିବା ଦେଖି ଜଣେ ସହକର୍ମୀ ଘରଠିକୁ ଆସି ଦେଖିବା ବେଳେ ସୌମ୍ୟ ଏକ ଧଳା ରଙ୍ଗର ଗାମୁଛା ବେକରେ ବାନ୍ଧି ସିଲିଂ ଫ୍ୟାନରେ ଝୁଲୁଛନ୍ତି। ଏ ନେଇ ସେ ଗୋଲନ୍ଥରା ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ସୌମ୍ୟଙ୍କ ଝୁଲନ୍ତା ମୃତଦେହ ଜବତ କରି ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଥିଲା। ମୃତଦେହ ନିକଟରୁ ପୋଲିସ ସୌମ୍ୟ ବ୍ୟବହାର କରୁଥିବା ମୋବାଇଲ ଫୋନ ଏବଂ ଗାମୁଛା ଜବତ କରି ତଦନ୍ତ ଚଳାଇଛି। ଏ ନେଇ ଗୋଲନ୍ଥରା ଥାନାରେ ୪୯/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଏସ୍‌ଆଇ ଗଗନ ବେହେରା କହିଛନ୍ତି।

## ଶିଶୁ କର୍କଟ ରୋଗକୁ ନେଇ 'କ୍ରାନ୍ତି'ର ସଚେତନତା




ଅତିଥିଙ୍କ ଗହଣରେ ପୁରସ୍କୃତ କୃତୀ ପ୍ରତିଯୋଗୀ।

ବ୍ରହ୍ମପୁର,୧୬।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମା ନଗରସ୍ଥିତ 'କ୍ରାନ୍ତି' ଅନୁଷ୍ଠାନ ତରଫରୁ ଶିଶୁ ଦିବସ ଅବସରରେ ରଙ୍ଗାରଙ୍ଗ ସାଂସ୍କୃତିକ ସହ ଶିଶୁ କର୍କଟ ସଚେତନତା କାର୍ଯ୍ୟକ୍ରମ ହୋଇଛି। ହିଲିପାଟଣା ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ର ଶେଖର ସାହୁ ମୁଖ୍ୟ ଅତିଥି ଥିଲେ। କ୍ରାନ୍ତି ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ କର୍କଟ ରୋଗୀ ଡ. ଦେବାନନ୍ଦ ଦାଶ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ବିଏମସି ପୂର୍ବତନ ମେୟର ଶିବ ଶଙ୍କର ଦାସ,ଏସଏମଆଇଟିର ସଭାପତି ଡ. ଭଗବାନ ଗନ୍ତାୟତ, ବ୍ରହ୍ମପୁର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଦୀପକ କୁମାର ସାହୁ,ଗଞ୍ଜାମ ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ମନୋଜ କୁମାର ସାହୁ, ଉପ ବିଭାଗୀୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଅରବିନ୍ଦ ବେହେରା, ଏମକେସିଜି ମେଡିକାଲ କଲେଜ ଓ ହସପିଟାଲ ଶିଶୁ ରୋଗ ବିଶେଷଜ୍ଞ ଡ଼ାକ୍ତର ହେମନ୍ତ କୁମାର ସିଂ, କଲାମ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ସମ୍ପାଦକ ସନ୍ତୋଷ କୁମାର ଜେନା,ସମାଜସେବୀ ତଥା ଯୁବ ବ୍ୟବସାୟୀ କେ.ରାଜ କୁମାର ପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଥିଲେ। କ୍ରାନ୍ତି ଅନୁଷ୍ଠାନର ଡ.ଦାଶ ଦର୍ଶକଙ୍କୁ ଶିଶୁ କର୍କଟ ଉପରେ ସଚେତନ କରି କର୍କଟ ମୁକ୍ତ ଭାରତ ପାଇଁ ସହଯୋଗର ହାତ ବଢ଼ାଇବାକୁ ନିବେଦନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କ୍ରାନ୍ତି ଅନୁଷ୍ଠାନର କୁନି କୁନି କଳାକାରଙ୍କ ସହ ବିଭିନ୍ନ ବିଦ୍ୟାଳୟର ଶିଶୁ ମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମହାନ ସଂଘ ସଭାପତି ସୁଶାନ୍ତ ସାବତ ଓ ଶ୍ରଦ୍ଧା ଫାଉଣ୍ଡେସନ ସଭାପତି ପ୍ରଣବ କୁମାର ପଣ୍ଡା ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ କ୍ରାନ୍ତି ଅନୁଷ୍ଠାନର ନିର୍ମଳା ଦାଶ, ଦେବରାଜ ରାଉତ, ଅନିଲ କୁମାର ସେଠୀ, ଅରୁଣ ପଟ୍ଟନାୟକ, ସ୍ନିଗ୍ଧା ମହାରଣା ପ୍ରମୁଖ ସହଯୋଗ କରିଥିଲେ।

## ଗୃହ ବିଜ୍ଞାନ ବିଭାଗରେ ପୁରାତନ ଛାତ୍ର ସମ୍ମିଳନୀ

ବ୍ରହ୍ମପୁର,୧୬। ୧୧(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗରେ ପ୍ରଥମ ପୁରାତନ ଛାତ୍ର ସମ୍ମିଳନୀ ଭଞ୍ଜ ବିହାର ସିନେଟ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ମୁଖ୍ୟ ଅତିଥି, ସମ୍ମାନନୀୟ ଅତିଥି ଭାବେ ପିଜି କାଉନସିଲ ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ଡ଼.ସସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ପୁରାତନ ଛାତ୍ରୀମାନଙ୍କୁ ନିଜର ବିଭାଗ ପ୍ରତି ଆକୃଷ୍ଟ କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ବିଭାଗର ଅଲିତା ମିଞ୍ଜ, ମାନସୀ ମେହେର ପରିଚାଳନା କରିଥିଲେ। ଅବସରପ୍ରାପ୍ତ ପ୍ରଫେସର ରତ୍ନା ସାହୁ, ଭଞ୍ଜନଗର କୃଷିବିଜ୍ଞାନ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଅନିତା ପାତ୍ରଙ୍କ ସମେତ ପୂରାତନ ଛାତ୍ରୀ ଉପସ୍ଥିତ ଥିଲେ। ଡ. ସସ୍ମିତା ବେହେରାଙ୍କ ଲିଖିତ ୨ ପାଠ୍ୟପୁସ୍ତକ ଉନ୍ମୋଚିତ ପରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ଅବସର ପ୍ରାପ୍ତ ପ୍ରଫେସର ରତ୍ନା ସାହୁ, ଅନିତା ପାତ୍ର, ଡ଼.ସସ୍ମିତା ବେହେରା, ଡ଼ ରୀତା ହାଂସଦା ଏବଂ ମାନସୀ ମେହେର ୨୦୨୪ ନିମନ୍ତେ ସଭାପତି, ଉପସଭାପତି, ସମ୍ପାଦିକା, ସହ ସମ୍ପାଦିକା ଏବଂ କୋଷାଧକ୍ଷ ମନୋନୀତ ହୋଇଥିଲେ। ପୂରାତନ ଛାତ୍ରୀମାନେ ବିଭିନ୍ନ ପ୍ରସଙ୍ଗରେ କହିବା ସହ ନିୟମାବଳୀ ପ୍ରତି ନିଜର ସହମତ ପ୍ରକାଶ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କୁମାରୀ ଅସ୍ମିତା ବେଉରା ଧନ୍ୟବାଦ ଦେଇଥିଲେ।

## ଗଛରେ ବାଇକ୍ ପିଟି ହୋଇ ଯୁବକ ମୃତ, ୨ ଗୁରୁତର

ଫିରିଙ୍ଗିଆ,୧୬।୧୧(ବିମଳ ଦିଗାଲ )

ଯାତ୍ରା ଦେଖି ଘରକୁ ବାଇକ୍‌ରେ ଫେରୁଥିବା ସମୟରେ ରାସ୍ତା କଡରେ ଥିବା ଏକ ଗଛରେ ଭାରସାମ୍ୟ ହରାଇ ପିଟି ହୋଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଦୁଇଜଣ ଯୁବକ ଗୁରୁତର ହୋଇଛନ୍ତି । କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ସାଡିଙ୍ଗିଆରେ ଚାଲିଥିବା ରାହାସ ଯାତ୍ରା ଦେଖିବା ପାଇଁ ଏକ ବାଇକ୍ ରେ ତିନିଜଣ ସାଙ୍ଗ ଆସିଥିଲେ । ଯାତ୍ରା ସରିବା ପରେ ସେମାନେ ନିଜ ଗାଁକୁ ବାଇକ୍‌ରେ ଫେରୁଥିଲେ। ସାଡିଙ୍ଗିଆ ବାନ୍ଦାଡଣି ରାସ୍ତାର କିଆମୁଣ୍ଡା ଟିକାରପଦର ଘାଟି ରାସ୍ତା ପାର୍ଶ୍ୱରେ ଥିବା ଏକ ଶାଳ ଗଛରେ ବାଇକ୍‌ଟି ଭାରସାମ୍ୟ ହରାଇ ପିଟି ହୋଇଯାଇଥିଲା । ଫଳରେ ବାଇକ୍‌ରେ ବସିଥିବା ତିନିଜଣ ଯୁବକ ଗୁରୁତର ହୋଇଥିଲେ । ଖବର ପାଇ ଦୁର୍ଘଟଣା ସ୍ଥଳ ପାଖରେ ଥିବା ଗାଁ ଲୋକେ ପହଞ୍ଚି ଗୁରୁତର ତିନି ଯୁବକଙ୍କୁ ଏକ ଅଟୋରେ ଚିକିତ୍ସା ପାଇଁ ଫିରିଙ୍ଗିଆ ଡାକ୍ତରଖାନାକୁ ଆଣିଥିବା ବେଳେ ଜଣେ ଯୁବକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ ଯୁବକ ଜଣକ ଫିରିଙ୍ଗିଆ ଥାନା ସାଡିଙ୍ଗିଆ ପଞ୍ଚାୟତ ପିଡିଆକୁଟି ଗାଁର କାଣ୍ଡି ବାଙ୍କ ବୋଲି ଜଣାପଡ଼ିଛି। ଗୁରୁତର ଯୁବକଙ୍କ ମଧ୍ୟରେ ଜଣେ ବାନ୍ଦାଡଣି ଗାଁର ସନାତନ କହଁର ଓ ଅନ୍ୟଜଣେ ଡାଙ୍ଗାଣିପଦର ଗାଁର ମାନସ ମଳିକ। ଖବର ପାଇ ଫିରିଙ୍ଗିଆ ପୋଲିସ ମେଡିକାଲ ରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଅଧିକ ତଦନ୍ତ ଜାରିରଖିଛି ବୋଲି ଫିରିଙ୍ଗିଆ ଥାନା ଅଧିକାରୀ ଗୋପୀନାଥ ପ୍ରଧାନ କହିଛନ୍ତି।

## ଘୁମୁସର ଲେଖିକା ସଂସଦର ଆଲୋଚନାଚକ୍ର




କବିସୂର୍ଯ୍ୟନଗର,୧୬।୧୧(କୃପାସିନ୍ଧୁ ସ୍ୱାଇଁ)

ଘୁମୁସର ଲେଖିକା ସଂସଦ ପକ୍ଷରୁ ଶୁକ୍ରବାର ନିକଟସ୍ଥ ଗାୟତ୍ରୀ ଶକ୍ତିପୀଠରେ ଏକ ଆଲୋଚନାଚକ୍ର ସହ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାନେତ୍ରୀ ଟି. ମାହେଶ୍ୱରୀ ଦୋରାଙ୍କ ଅଧ୍ୟକ୍ଷତା ଓ ସମ୍ପାଦିକା ଡ. ନଳିନୀପ୍ରଭା ଦାସଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସ୍ନେହଲତା ବିଷୋୟୀ, ମମତା ମହାପାତ୍ର, ବି. ଅନନ୍ତନାଗ ରଥ, ରାଜେନ୍ଦ୍ର ସ୍ୱାଇଁ ସମ୍ମାନିତ ଅତିଥି ରୂପେ ଯୋଗଦେଇ କାର୍ତ୍ତିକମାସ ଏବଂ ପୂର୍ଣ୍ଣମୀର ମାହାତ୍ମ୍ୟ ଓ ଓଡ଼ିଶାର ମହାନ୍ ସଂସ୍କୃତି ଉପରେ ନିଜ ବକ୍ତବ୍ୟ ରଖିଥିଲେ। ଆମ ଭବିଷ୍ୟତ ପିଢ଼ି ଯେପରି ଆମ ସଂସ୍କୃତିକୁ ଜାଣିପାରିବେ ଏବଂ ବଜାୟ ରଖିବେ ସେଥିପ୍ରତି ସମସ୍ତେ ଯତ୍ନବାନ୍ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପରେ କବିତା ପାଠୋତ୍ସବ ହୋଇଥିଲା। ମୋନାଲିସା ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠରେ ମାନସୀ ସ୍ୱାଇଁ, ଗୀତାଶ୍ରୀ ସାମନ୍ତ, ଶୁଭସ୍ମିତା ଦାଶ, ଉଷ୍ମିତା ମିଶ୍ର, ରୀନା ସେଠୀ, ସୁଜାତା ସିଂଙ୍କ ସହ ଅନ୍ୟମାନେ କବିତା ପାଠ କରିଥିଲେ। ସାଂଗଠନିକ ସମ୍ପାଦିକା ଡା. ଗାୟତ୍ରୀ ସାହୁ ଧନ୍ୟବାଦ ଦେଇଥିଲେ।

